# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

## 13 February – 2025

## ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣ ସହ ଅଧିବେଶନର ପ୍ରଥମ ଦିନର କାର୍ଯ୍ୟ ଆରମ୍ଭ ହେବ । ବଜେଟ୍ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଚାଲିବ। ଅଧିବେଶନ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ମାସ ୭ତାରିଖରୁ ଏପ୍ରିଲ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୧୭ ତାରିଖରେ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ଚଳିତ ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ରହିଛି।

ବିଧାନସଭାର ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗତକାଲି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୃହକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ସମ୍ମତି ପ୍ରକାଶ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ

ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଅଧିବେଶନରେ ସେମାନଙ୍କର ଦଳର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।

---

## ପାରାଦ୍ୱୀପ ବିମାନବନ୍ଦର

ପାରାଦ୍ୱୀପଠାରେ ବିମାନବନ୍ଦର ପ୍ରତିଷ୍ଠା ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି । ପ୍ରସ୍ତାବିତ ଏହି ବିମାନ ବନ୍ଦରକୁ ଆବଶ୍ୟକ ଜମି ଚିହ୍ନଟ କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ଏହାବ୍ୟତୀତ ଜୟପୁର, ଅର୍ମଦ୍ଧା ରୋଡ, ଉତ୍କେଲା ସହିତ ଅନ୍ୟ କେତୋଟି ବିମାନ ବନ୍ଦରରର ଉନ୍ନତିକରଣ ଲାଗି ଜମି ଅଧିଗ୍ରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

---

## ସାଇବର ଅପରାଧ

ସାଇବର ଅପରାଧ ଓ ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୮୦୫ ମୋବାଇଲ ଆପ୍ ଏବଂ ୩ ହଜାର ୨୬୬ ୱେବ୍‌ସାଇଟ୍‌କୁ ରଦ୍ଦ କରିଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୦ବର୍ଷ ମଧ୍ୟରେ ଦେଶରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ସାଢ଼େ ୪ ଗୁଣରୁ ଅଧିକ ବଢ଼ିଛି । ସେହିପରି ଡିଜିଟାଲ ଆର୍ଥିକ କାରବାର ଘରୋଇ ବଜାରର ଅଂଶ ୪୮ ପ୍ରତିଶତକୁ ବୃଦ୍ଧି ପାଇଛି । ଆର୍ଥିକ ସ୍ୱଚ୍ଛତା ଏବଂ ସାଇବର ଅପରାଧକୁ ରୋକିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି ।

---

# ଆଜି ବିଶ୍ୱ ରେଡ଼ିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ପୃଥିବୀର ସବୁଠାରୁ ବଡ଼ ଗଣମାଧ୍ୟମ ହିସାବରେ ଆଜି ମଧ୍ୟ ରେଡିଓର ଲୋକପ୍ରିୟତା ରହିଛି । ୧୯୪୬ ମସିହା ଆଜିର ଦିନରେ ଜାତିସଂଘ ରେଡ଼ିଓର ପ୍ରତିଷ୍ଠା ହୋଇଥିଲା । ପରିବର୍ତ୍ତିତ ପରିବେଶରେ ରେଡିଓ ସମ୍ବାଦ ଏବଂ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ଗୁଡ଼ିକ ମୁଖ୍ୟ ମାଧ୍ୟମ ଭାବରେ ଲୋକପ୍ରିୟତା ବଜାୟ ରଖିଛି । ଚଳିତବର୍ଷ ରେଡିଓ ଦିବସର ବାର୍ତ୍ତା ହେଉଛି "ରେଡ଼ିଓ ଏବଂ ଜଳବାୟୁ ପରିବର୍ତ୍ତନ ।"

ରେଡିଓ ଦିବସ ଉପଲକ୍ଷେ ଭୁବନେଶ୍ୱର, ବରଗଡ଼ ସହିତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଆଜି ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଛି । ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଆଜି ଆଉଟ୍ ରିଚ୍ ଅନ୍ତର୍ଜାତୀୟ ରେଡିଓ ମେଳାର ଆୟୋଜନ କରାଯାଇଛି ।

---

# ସରକାରୀ ଅନୁଦାନ

ରାଜ୍ୟର ୯୦ଟି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୧୦୪କୋଟି ଟଙ୍କା ଅନୁମୋଦନ କରିଛନ୍ତି । ମହାବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମିର ନିର୍ମାଣ, ଛାତ୍ରାବାସ, ଅତିରିକ୍ତ ଶ୍ରେଣୀଗୃହ, ଲାଇବ୍ରେରୀ, ପରୀକ୍ଷାଗାର ଆଦିର ନିର୍ମାଣ ପାଇଁ

ଏହି ଅର୍ଥ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୩୩ ପ୍ରତିଶତ ଅର୍ଥରାଶି ପ୍ରଦାନ କରାଯିବ ।

## ଆଇନ୍ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଜାତା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶିଶୁ ସୁରକ୍ଷା ଆଇନ୍, କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟବିବାହ ଆଇନ୍, ପୋକ୍ସୋ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ ।

## ଜାତୀୟ କ୍ରୀଡ଼ା

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଗତକାଲି ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୨ଟି କାଂସ୍ୟ ସହିତ ୫ଟି ପଦକ ହାସଲ କରିଛି । ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୨ଟି ସ୍ୱର୍ଣ୍ଣପଦକ ଏବଂ ୧୪ଟି ରୌପ୍ୟପଦକ ସହିତ ପଦକ ସଂଖ୍ୟା ୪୧କୁ ବୃଦ୍ଧି ପାଇଛି ।

## ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଚଳିତବର୍ଷ ପାଇଁ ରାଜ୍ୟରେ ପ୍ରଥମଥର ଗତକାଲି ଦିନ ତାପମାତ୍ରା ୩୭ଡିଗ୍ରୀ ଥିଲା । ରାଜ୍ୟର ୯ଟି ସହରର ତାପମାତ୍ରା ୩୫ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା

୪ ଦିନ ମଧ୍ୟରେ ରାତି ତାପମାତ୍ରା ସାମାନ୍ୟ ହ୍ରାସ ପାଇବ ଏବଂ ଥଣ୍ଡା ଅନୁଭୂତ ହେବ ।